# ମାତା ଓ ମାତୃଭାଷା

ବିଜୟମୋହନ ମିଶ୍ର
ବୋଷ୍ଟନ୍, ଯୁକ୍ତରାଷ୍ଟ୍ର ଆମେରିକା

ମାତା ମୋ' ଜନନୀ ଜୀବନ ବିଧାତ୍ରୀ
ମାତା ମୋ' ପ୍ରାଣର ଡୋରି ।
ମାତା ମୋ' କରଣୀ କ୍ଷୁଧା ନିବାରିଣୀ
ଆପଦ ନଉକା ତରୀ ॥
ମାତା କହେ କଥା ମନର ଭାବନା
ଆଖିରେ ତାହାର ଠାର ।
ମାତାର ବଚନ ହୃଦୟ ସ୍ପନ୍ଦନ
ମରମ ଧରମ ଗାର ॥
ତା' ଭାଷା ପ୍ରୀତିର ସ୍ନେହ ସୌହାର୍ଦ୍ଦ୍ୟର
ଅବାରିତ ଜଳଧାରା ।
ନାହିଁ ତା' ବନ୍ଧନ ଭାବ ଚିରନ୍ତନ
ପ୍ରେମ ପୁଲକ ଅସରା ॥
ଭାଷା ତା' ମଣ୍ଡନ ନାହିଁ ବ୍ୟାକରଣ
ନାହିଁ ଆଉ ରୀତି ନୀତି ।
ଭାଷା ତା' ସଜଳ ଆଖିର କଜଳ
ଅନନ୍ତ ପ୍ରକୃତି ଗୀତି ॥
ମୋ' ମା'ର ଭାଷା ପ୍ରକୃତିର ଭାଷା
ପବନ ତାହାର ଦେହ ।
ମାଟି ତା'ର ଗୁଣ ଜ୍ଞାନ ତା' ତପନ
ପାଣି ନିଏ ତା'ର କୋହ ॥
ସବୁ ମା' ଭାଷା ଶିଶୁର ଭରସା ପଶୁ ପକ୍ଷୀ କୀଟ ପ୍ରାଣୀ ।
ନାହିଁ ତା'ର ଭେଦ ଭାଷା ତା' ଅଭେଦ ଅକୁହା ମମତା ବାଣୀ ॥
ମାତୃଭାଷା ବୁଝ ହେ ଜ୍ଞାନୀ ମଣ୍ଡଳୀ ଆପଣା ମନର କଥା ।
ପ୍ରକାଶ ନ ଥାଏ ଭାବନାରେ ଘର ନାହିଁ ତା'ର କେବେ ବ୍ୟଥା ॥

* * *

(ହାର୍ଭାର୍ଡ୍ ବିଶ୍ୱବିଦ୍ୟାଳୟରେ ଅଷ୍ଟାଦଶ ଭାରତ କବି ସମ୍ମିଳନୀରେ ପଠିତ, ୨୦୧୪ ମେ' ୧୭.)